# ପିଲାଙ୍କ ଧରିତ୍ରୀ

ଶନିବାର, ୧୫ ଅକ୍ଟୋବର, ୨୦୨୨





# ଖିଲି ଖିଲି ହସ

**ମଣ୍ଟୁ:** ଚିଣ୍ଟୁ  ଜଲ୍‌ଦି ଉଠ, ଭୂମିକମ୍ପ ଆସିଲାଣି। ସବୁ ଘର ହଲୁଛି।
**ଚିଣ୍ଟୁ:** ମଣ୍ଟୁ ଚୁପ୍‌ଚାପ୍ ଯା' ଶୋଇପଡ଼, ଘର ଯଦି ଭାଙ୍ଗିବ ଆମର କ'ଣ ଯିବ!  ଆମେ ତ ଭଡ଼ାଟିଆ।

ବିଟୁନ୍  ଗଛରେ ଓଲଟା ଲଟକିଥିବାର ଦେଖି ତା' ସାଙ୍ଗ ମିଥୁନ୍ ପଚାରିଲା– ଆରେ ବିଟୁନ୍, ତୁ ଗଛରେ ଏମିତି ଲଟକିଛୁ  କ'ଣ ପାଇଁ ?
**ବିଟୁନ୍:** ମୁଁ ମୁଣ୍ଡବିନ୍ଧା ବଟିକା ଖାଇଛି, କାଳେ ଏ ବଟିକା ପେଟକୁ ପଳାଇବ ସେଥିପାଇଁ ମୁଁ ଓଲଟା ଲଟକିଛି।

(ଦୋକାନୀ–ମାଉସୀ ମଧ୍ୟରେ କଥାବାର୍ତ୍ତା)
**ଦୋକାନୀ:** କ'ଣ ଦେବି  କୁହ ମାଉସୀ।
**ମାଉସୀ:** ଏ ବ୍ୟାଗ୍ ଭିତରେ ଡାଲି, ଚାଉଳ ସବୁ ଦେଇଦିଅ।
**ଦୋକାନୀ:** ମାଉସୀ, ସବୁ ମିଶିଯିବ।
**ମାଉସୀ:**  ପୁଅ ! ଚିନ୍ତା କରନି, ଘରେ ମୋର ତିନି ତିନୋଟି ଝିଅ ଆଉ ବୋହୂ ଅଛନ୍ତି। ସେମାନେ ସମସ୍ତେ ମିଶି ଚାଉଳ ଓ ଡାଲିକୁ ଅଲଗା କରିଦେବେ।

# ଶପିଙ୍ଗ୍ ମଲ୍

## ଗପ

ସିପ୍ରା ଓ ସ୍ନିଗ୍ଧା ପଡ଼ୋଶୀ କଲୋନିର ଦୁଇ ଧନୀ ବାନ୍ଧବୀ। ସେମାନଙ୍କ ପସନ୍ଦ କିନ୍ତୁ ଅଲଗା ଅଲଗା। ସିପ୍ରା ବଡ଼ ବଡ଼ ଶପିଙ୍ଗ୍ ମଲ୍‌ରୁ ପନିପରିବା କିଣିବାକୁ ପସନ୍ଦ କରୁଥିବା ବେଳେ ସ୍ନିଗ୍ଧା ବଜାରରେ ଗାଁର ଚାଷୀ ଓ ଉଠା ଦୋକାନୀଙ୍କଠାରୁ ଜିନିଷ ନେବାକୁ ଭଲ ପାଉଥିଲା। ସ୍ନିଗ୍ଧାର ଏପରି ଅଭ୍ୟାସକୁ ସିପ୍ରା କଲୋନିର ଅନ୍ୟ ମହିଳାମାନଙ୍କ ଆଗରେ ଆଲୋଚନା  କରି ତାକୁ ଥଟ୍ଟା ପରିହାସ କରେ। ଏସବୁ ଜାଣିଥିଲେ ବି ସ୍ନିଗ୍ଧା କେବେହେଲେ ସିପ୍ରାକୁ ଆକ୍ଷେପ କରି କିଛି କହେ ନାହିଁ।

ଥରେ ପଡ଼ୋଶୀ କଲୋନିରେ ବନ୍ୟା ଆସିଲା। ବାହ୍ୟଜଗତରୁ କଲୋନିଟି ବିଚ୍ଛିନ୍ନ ହୋଇଗଲା। ପନିପରିବା ଓ ଅନ୍ୟାନ୍ୟ ଜିନିଷ ମଲ୍‌କୁ ଯାଇ ଆଣିବା ସମ୍ଭବ ହେଲାନି। ସିପ୍ରା ବହୁ ଅସୁବିଧାରେ ପଡ଼ିଗଲା। ପାଖ ଅଞ୍ଚଳର କେତେଜଣ ଚାଷୀ ଓ ଉଠା ଦୋକାନୀ ପନିପରିବା ଆଣି ସେହି କଲୋନିରେ ବିକ୍ରି କରିବାକୁ ଲାଗିଲେ। ଏମାନଙ୍କଠାରୁ ସିପ୍ରା ଏସବୁ ଜିନିଷ କିଣିବା ତା'ର ଆତ୍ମସମ୍ମାନର ପ୍ରଶ୍ନ ଥିଲା। କିନ୍ତୁ ଆଉ କିଛି ଉପାୟ ନ ଥିଲା। ଏସବୁ କଥା ଭାବିବା ସମୟରେ ହଠାତ୍ ତଳ ମହଲାରୁ ତାକୁ ସ୍ନିଗ୍ଧା ଡାକୁଥିବାର ସେ ଶୁଣିଲା। ଆରେ ସିପ୍ରା ମ୍ୟାଡମ, ତଳକୁ ଆସ। ଡଙ୍ଗାରେ ପନିପରିବା ବାଲା ଆମ କଲୋନିକୁ ଆସିଛନ୍ତି। ଆସ, କିଛି ଦରକାରୀ ପନିପରିବା ନେଇ ଆସିବା। ସିପ୍ରା ଆଉ ଆଗପଛ ନ ଭାବି ତଳକୁ ଓହ୍ଲାଇ ଆସିଲା। କିନ୍ତୁ ସେ ଭାବୁଥିଲା ନିଜ ବଡ଼ପଣିଆ ଦେଖେଇବାକୁ ସେମାନଙ୍କ




ଠାରୁ ମୂଲଚାଲ କରି ଏସବୁ ନେବ। ପରିବା ବିକାଳି ନିଜେ ଚାଷୀ ଥିଲେ। କ୍ଷେତରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ପନିପରିବା କମ୍ ଦାମ୍‌ରେ ଅନ୍ୟ କେଉଁଠି ବିକ୍ରି ନ କରି ସେସବୁ ସେଠାରେ ଉଚିତ୍ ଦାମ୍‌ରେ ବିକ୍ରି କରିବା ଆଶାରେ ଆସିଥିଲେ। କିନ୍ତୁ ସିପ୍ରା ତାଙ୍କ ଠାରୁ ପନିପରିବା କିଣିବାବେଳେ ମୂଲଚାଲ କରିବାକୁ ଲାଗିଲା। ପରିବା ବିକୁଥିବା ଚାଷୀ ଯେତେ ନେହୁରା ହେଲେ ବି ସେ ତାଙ୍କ ସହ ଯୁକ୍ତିତର୍କ କଲା। ସିପ୍ରାର ଏପରି ବ୍ୟବହାର ସ୍ନିଗ୍ଧାକୁ ଜମାରୁ ଭଲ ଲାଗିଲାନି। ସେ ସିପ୍ରାକୁ କହିଲା, ଦେଖ୍ ତୁ ଏ ଯେଉଁ ଦାମିକା ଭ୍ୟାନିଟି କାନ୍ଧରେ ପକେଇଛୁ ଓ ପାଦରେ ଭଲ ବ୍ରାଣ୍ଡର ଚପଲ ପିନ୍ଧିଛୁ,ଏସବୁ କିଣିବା ପାଇଁ କେତେ ମୂଲଚାଲ କରିଥିଲୁ! ! ମଲ୍‌ରୁ ପନିପରିବା ଦାମ ପଚାରିଲା ବେଳେ ତ କହିଦେଉ, ଓକେ ନୋ ପ୍ରୋବ୍ଲେମ୍। ଏଠି ଏମାନଙ୍କ ଠାରୁ ମୂଲଚାଲ କରି ତୁ କେତେ ଟଙ୍କା ସଞ୍ଚୟ କରି ପକେଇବୁ ! !

ଏଇ ଚାଷୀଭାଇମାନେ ତ ଆମ ଦେଶର ଭାତହାଣ୍ଡି। ଏମାନଙ୍କ ପାଇଁ ଆମେ ଖାଇବାକୁ ପାଉଛେ। ସେମାନଙ୍କ ଅସହାୟତାର ଫାଇଦା ଉଠାଇ ମୂଲଚାଲ ନ କରି ବନ୍ୟା ପରି ଅସମୟରେ ବରଂ ଅଧିକ ଦାମରେ ପନିପରିବା କିଣି ଆମେ ସେମାନଙ୍କଠାରୁ ମାଗଣାରେ ଆଶୀର୍ବାଦ ତ ପାଇପାରିବା। ଏହା କହି ସ୍ନିଗ୍ଧା ସେହି ଚାଷୀଭାଇଠାରୁ ପନିପରିବା କିଣି ୫ଶହ ଟଙ୍କିଆ ନୋଟ୍‌ଟିଏ ବଢ଼ାଇଦେଲା। ଚାଷୀଟି ବଳକା ଟଙ୍କା ଫେରାଉଥିବା ବେଳେ ସ୍ନିଗ୍ଧା କହିଲା, ମଉସା ସେ ଟଙ୍କା ସବୁ ଡଙ୍ଗାର ତେଲ ଖର୍ଚ୍ଚ ପାଇଁ ରଖ। ଚାଷୀ ଜଣକ ବହୁତ ଖୁସି ହୋଇଗଲେ। ଏସବୁ ଦେଖି ସିପ୍ରା ନିଜର ଭୁଲ୍ ବୁଝିପାରିଲା। ନିଜେ ଖୁବ୍ ଲଜ୍ଜିତ ଅନୁଭବ କଲା। ଏବେ ସେ ବୁଝିପାରୁଥିଲା, ସ୍ନିଗ୍ଧା କ'ଣ ପାଇଁ ସବୁବେଳେ ଉଠାଦୋକାନୀମାନଙ୍କଠାରୁ ଜିନିଷପତ୍ର କିଣେ।

**–ତସ୍‌ନିମ୍ ସୁଲତାନା**
କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ,
କାକଟପୁର, ପୁରୀ

# ସୂର୍ଯ୍ୟ: କିଛି ରୋଚକ କଥା



ସୂର୍ଯ୍ୟଙ୍କ ଆକାର ପୃଥିବୀର ଆକାରଠାରୁ ପ୍ରାୟ ୩ଲକ୍ଷ ଗୁଣ ବଡ଼। ସୂର୍ଯ୍ୟ ଆମଠାରୁ ପ୍ରାୟ ୧୫୦ନିୟୁତ କିଲୋମିଟର ଦୂରତାରେ ଅଛନ୍ତି। ସୂର୍ଯ୍ୟପୃଷ୍ଠ ୧୦,୦୦୦ଡିଗ୍ରୀ ଫାରେନହିଟ୍ ଗରମ ହୋଇ ରହିଥାଏ ଏବଂ ଏହାର କୋର୍‌ର ତାପମାତ୍ରା ୨୭ନିୟୁତ ଫାରେନହିଟ୍ ହୋଇଥାଏ।

ନାସାର ଗବେଷଣା ଅନୁଯାୟୀ ସୂର୍ଯ୍ୟ ଦ୍ୱାରା ପ୍ରତି ୧ ସେକେଣ୍ଡରେ ଉତ୍ପାଦିତ ଶକ୍ତି ୧୦୦ବିଲିୟନ ଟନ୍ ଡିନାମାଇଟ୍ ବିସ୍ଫୋରଣ ସହିତ ସମାନ। ଛାୟାପଥରେ ଥିବା ୧୦୦ବିଲିୟନ ନକ୍ଷତ୍ର ଭିତରୁ ସୂର୍ଯ୍ୟ ହେଉଛି ଗୋଟିଏ। ପ୍ରାୟ ୪.୬ ବିଲିୟନ ବର୍ଷ ପୂର୍ବରୁ ସୂର୍ଯ୍ୟ ସୃଷ୍ଟି ହୋଇଥିବାର କୁହାଯାଏ।

ବୈଜ୍ଞାନିକଙ୍କ ମତରେ ସୌରଜଗତ ଓ ସୂର୍ଯ୍ୟ ବିଭିନ୍ନ ପ୍ରକାର ଗ୍ୟାସ୍ ଏବଂ ଧୂଳିରୁ ସୃଷ୍ଟି ହୋଇଛନ୍ତି, ଏହାକୁ ସୋଲର ନେବୁଲା କୁହାଯାଏ। କିନ୍ତୁ ଏ ପର୍ଯ୍ୟନ୍ତ ଏହା ପ୍ରମାଣିତ ହୋଇନାହିଁ। ଚନ୍ଦ୍ରର ନିଜସ୍ୱ ଆଲୋକ ନ ଥାଏ। ସେ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ। ମାତ୍ର ୧.୨୫ ସେକେଣ୍ଡରେ ସୂର୍ଯ୍ୟଙ୍କଠାରୁ ଆଲୋକ ଚନ୍ଦ୍ର ଉପରେ ପଡ଼ି ପୃଥିବୀକୁ ଆସିଥାଏ।

ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଏ। ଉଦ୍ଭିଦ ବଢ଼ିବାରେ ସୂର୍ଯ୍ୟାଲୋକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଲାଲ୍ ଏବଂ ନୀଳ ରଶ୍ମୀ ଉଦ୍ଭିଦରେ ଥିବା କ୍ଲୋରୋଫିଲ୍‌ରେ ପ୍ରତିଫଳିତ ହୋଇ ପତ୍ର ସବୁଜ ରଙ୍ଗ ଧାରଣ କରିଥାଏ। ଉଦ୍ଭିଦ ନିଜର ବୃଦ୍ଧି ପାଇଁ ଜଳ, କାର୍ବନ ଡାଇଅକ୍ସାଇଡ, ଖଣିଜ ପଦାର୍ଥ ଏବଂ ସୂର୍ଯ୍ୟାଲୋକ ବ୍ୟବହାର କରିଥାଏ। ବିନା ସୂର୍ଯ୍ୟାଲୋକରେ ଉଦ୍ଭିଦ ଖାଦ୍ୟ ପ୍ରସ୍ତୁତ କରିପାରେ ନାହିଁ। ଜୀବଜନ୍ତୁ ଏବଂ  ମଣିଷ ବଞ୍ଚିବା ପାଇଁ ଯେପରି ଖାଦ୍ୟ ଓ ଜଳ ଆବଶ୍ୟକ କରନ୍ତି ସେହିଭଳି ଉଦ୍ଭିଦ ନିଜ ଖାଦ୍ୟ ଲାଗି ସୂର୍ଯ୍ୟାଲୋକ ଉପରେ ନିର୍ଭର କରିଥାଏ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜୋଲ୍ୟୁଶନ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ମତାମତ

▶▶ ପ୍ରଚ୍ଛଦ ପ୍ରସଙ୍ଗ 'ଚଢେଇର ନାମ କାଠହଣା କାହିଁକି' ବିଶେଷ ମନଛୁଆଁ ହୋଇଛି।

**–ସମ୍ୟକ ସାଇ,** ପୋଖରିପୁଟ, ଭୁବନେଶ୍ୱର

▶▶ କବିତା ସ୍ତମ୍ଭରେ ପ୍ରକାଶିତ 'ଚକା ଚକା ଭଉଁରି' କବିତାଟି ମନଛୁଆଁ ହୋଇପାରିଛି।

**–ପ୍ରତ୍ୟାଶା ରାୟ,** ଫୁଲନଖରା, କଟକ

▶▶ ଗଳ୍ପ ସ୍ତମ୍ଭରେ ସ୍ଥାନିତ 'ଆତ୍ମବିଶ୍ୱାସୀ ହୁଅ' ଗପଟି ଶିକ୍ଷଣୀୟ ହୋଇଛି।

**–ମିଲନ୍ ମହାନ୍ତି,** ହାଟତୋଟା, ତାଳଚେର

▶▶ ଶୁଆ ବିଷୟରେ ଅନେକ ରୋଚକ କଥା ଜାଣି ଆଶ୍ଚର୍ଯ୍ୟ ହେଲି।

**–ସ୍ନେହାଶିଷ ଜେନା,** ସୋର, ବାଲେଶ୍ୱର

## ରଙ୍ଗ ଦିଅ



# ପିଲାଙ୍କ ପାଇଁ ଟିଫିନ୍





**ପିଲାଙ୍କ ପାଇଁ ସେମାନଙ୍କ ନିତିଦିନିଆ ଖାଦ୍ୟ ପୁଷ୍ଟିକର ହେବା ଜରୁରୀ। ସେ ଘର ତିଆରି ଖାଦ୍ୟ ହେଉ କି ସ୍କୁଲକୁ ନେଉଥିବା ଟିଫିନ। ସେସବୁ କିପରି ପିଲାଙ୍କ ପାଇଁ ହେଲ୍‌ଦି ହୋଇପାରିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।**

ପିଲାମାନେ ସ୍କୁଲକୁ କ'ଣ ଟିଫିନ୍ ନେଇକି ଯିବେ ତାହା ସବୁ ମାଆଙ୍କର ବଡ଼ ଟେନ୍‌ଶନ ହୋଇଥାଏ। ପ୍ରତିଦିନ ଏକାପରି ଟିଫିନ୍ ନେବାକୁ ପିଲା ମଧ୍ୟ ଅରାଜି ହୁଅନ୍ତି। ଅଧିକାଂଶ ସମୟରେ ଖାଦ୍ୟ ନ ଖାଇ ଘରକୁ ଫେରାଇ ମଧ୍ୟ ଆଣନ୍ତି। ସ୍କୁଲରେ ରିସେସ୍ ପିରିୟଡ୍‌ରେ ବାହାରୁ ତେଲଛଣା ଖାଦ୍ୟ କିମ୍ବା ମସଲାଯୁକ୍ତ ଫାଷ୍ଟଫୁଡ୍ କିଣି ଖାଇଦିଅନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ। ଏହା ସେମାନଙ୍କୁ କିଛି ସମୟ ପାଇଁ ଖୁସି ତ ଦେଇଥାଏ ହେଲେ ସ୍ୱାସ୍ଥ୍ୟୋପକାରୀ ହୋଇ ନ ଥାଏ। ପିଲାଙ୍କୁ ସେମାନଙ୍କର ପସନ୍ଦର ଖାଦ୍ୟ ଖୁଆଇବା ଲାଗି ଅଭିଭାବକମାନେ ସମସ୍ୟାରେ ବି ପଡ଼ିଥାନ୍ତି। ପିଲାଙ୍କୁ ସ୍କୁଲକୁ ପଠାଇବା ସମୟରେ ଅଭିଭାବକଙ୍କ ପାଖରେ ସମୟ କମ୍ ଥାଏ। ଆଉ ଅଳ୍ପ ସମୟ ଭିତରେ ଭଲ ଟିଫିନ୍ କରି ସବୁଦିନ ଦେବା ସମ୍ଭବ ହୋଇ ନ ଥାଏ। ଆଉ ଟିଫିନ୍ ବକ୍ସ ହେଉ କି ଲଞ୍ଚ ବକ୍ସରେ କିପରି ସେମାନଙ୍କୁ ଭରପୂର ପୋଷଣ ମିଳିପାରିବ ସେଥିପାଇଁ ଅଭିଭାବକମାନେ ଚିନ୍ତିତ ରହିଥାନ୍ତି। ପ୍ରତିଦିନ ଅଲଗା ପ୍ରକାର ଖାଦ୍ୟ ନେଇଯିବା ଲାଗି ପିଲା ମଧ୍ୟ ଅଡି ବସନ୍ତି। ତେବେ ପିଲାମାନେ ସ୍କୁଲକୁ ନେଉଥିବା ଟିଫିନ୍ ସମ୍ପର୍କରେ ଯାହା କୁହନ୍ତି...

## ଏକାଭଳି ଟିଫିନ୍ ନେଇ ଚିଡ଼ିଯାଉଥିଲି



ପୂର୍ବରୁ ମାମା ପ୍ରତିଦିନ ଚୁଡ଼ା ଏବଂ ରୁଟି ଦେଉଥିଲେ। ବାରମ୍ବାର ତାକୁ ଖାଇ ମୁଁ ଚିଡ଼ିଯାଉଥିଲି। ଟିଫିନ୍ ବେଳେବେଳେ ଖାଏନି ତ ଆଉ କେତେବେଳେ ଫେରେଇ ନେଇଆସେ। ତେଣୁ ଏବେ ମୋର ସକାଳୁଆ ସ୍କୁଲ ଯୋଗୁ ଟିଫିନ୍‌ରେ ମାମା ସୁଜି ହାଲ୍‌ୱା, ଉପମା, ରୁଟି ଭଜା ନ ହେଲେ ଫଳ ପ୍ୟାକ୍ କରି ଦେଉଛନ୍ତି। ଆଉ ବେଳେବେଳେ ଟେଷ୍ଟି ଟେଷ୍ଟି ଦୋସା ନ ହେଲେ ବ୍ରେଡ୍ ଆମ୍‌ଲେଟ୍ ବି ଦେଇଥାନ୍ତି। ଏଣିକି ମୁଁ ଚଟାପଟ ମୋ ଟିଫିନ୍ ଶେଷ କରିଦେଉଛି। ମାମାଙ୍କ କଥା ମାନି ଖାଇବା ପୂର୍ବରୁ ଏବଂ ପରେ ହ୍ୟାଣ୍ଡୱାସ୍‌ରେ ହାତ ଭଲଭାବରେ ଧୋଇକରି ଖାଦ୍ୟ ଖାଉଛି।

**–ଅନନ୍ୟା ଜେନା,** କ୍ଲାସ୍–୩, ୟୁପି ସ୍କୁଲ, ପୁରୁଷୋତ୍ତମପୁର, କଟକ

## ଲଞ୍ଚବକ୍ସରେ ଖେଚୁଡ଼ି ନିଏ



ମୋର ଦିନ ୧୦ଟାରେ ସ୍କୁଲ ଥାଏ। ତା' ପୂର୍ବରୁ ବୋଉ ଭାତ ଡାଲି ଆଉ କିଛି ତରକାରି ପ୍ରସ୍ତୁତ କରିଦେଇଥାଏ। ହେଲେ ୫ଟା ପର୍ଯ୍ୟନ୍ତ ସ୍କୁଲରେ ରହିବା ଦ୍ୱାରା ମୋର ବିସ୍କୁଟ୍ କିମ୍ବା ଚୁଡ଼ାଭଜା ଖାଇ ପେଟ ପୂରେନି। କ୍ଲାସ୍ ଟାଇମରେ ବେଶି ଭୋକ ଲାଗେ। ତେଣୁ ବ୍ରେକ୍ ଟାଇମରେ ବୋଉ ଦେଇଥିବା ପକେଟ୍ ମନିରୁ ବିସ୍କୁଟ୍ ସହ ବାହାରୁ କୋଲ୍‌ଡ ଡ୍ରିଙ୍କସ୍ କିଣି ପିଇଦିଏ। ବୋଉ ଏଥିପାଇଁ ମୋତେ ତାଗିଦ କରି ଏବେ ଟିଫିନ୍‌ରେ ଘର ତିଆରି ଚାଓମିନ୍ ନ ହେଲେ ଖେଚୁଡି କରି ଦେଉଛି। ମୋତେ ଖେଚୁଡି ପସନ୍ଦ ନୁହେଁ ସେଥିଲାଗି ବୋଉ ଖେଚୁଡ଼ିରେ ମୋ ପସନ୍ଦର କୋବି, ଗାଜର, ବିଟ୍ ଓ ବିନ୍ ଇତ୍ୟାଦି ପକାଇ ରାନ୍ଧୁଛି। ମୁଁ ଆଉ କେବେ ବି ବାହାରୁ କୋଲ୍‌ଡ ଡ୍ରିଙ୍କସ୍ କିମ୍ବା ଫାଷ୍ଟଫୁଡ୍ କିଣି ଖାଉ ନାହିଁ।

**–ଅନନ୍ତ ଜେନା,** କ୍ଲାସ୍–୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରସୁଲଗଡ଼, ଭୁବନେଶ୍ୱର

## ପିଲାଙ୍କ ମାନସିକ ବିକାଶ କରେ ପୁଷ୍ଟିକର ଖାଦ୍ୟ



କୌଣସି ବଟିକା କି ଟନିକ୍ ଖାଇଲେ ଛାତ୍ରୀଛାତ୍ରଙ୍କର ସ୍ମରଣ ଶକ୍ତି ବଢ଼େନି। ସ୍ମରଣ ଶକ୍ତି ବଢ଼େ ପୁଷ୍ଟିକର ଖାଦ୍ୟ ଖାଇଲେ। ଛାତ୍ରୀଛାତ୍ରଙ୍କର ବୟସ ହେଉଛି ଶାରୀରିକ ବୃଦ୍ଧି ଓ ମାନସିକ ବିକାଶର ବୟସ। ଏଥିପାଇଁ ସେମାନଙ୍କ ସ୍କୁଲ ଜଳଖିଆରେ ଖେଚୁଡି, ଇଡ୍‌ଲି, ଉପମା, ହାଲୁଆ, ପରଟା, ପୁରି, ଗଜାମୁଗ, ଗଜାବୁଟ, ବୁଟସିଝା, ମଟରସିଝା, ଛୋଲେ, ମୁଡ଼ିମୁଆଁ, ଚିନାବାଦାମ ଲଡୁ, ମୁଢ଼ିକି, ଲଡୁ, ନଡ଼ିଆକୋରା, ପେଡ଼ା, ସେଓଗାଣ୍ଠିଆ, ବାରମଜା, ବିସ୍କୁଟ୍, କେକ୍, ଗଜା, ଖଜା, ଚକୁଳି, ଆରିସା, ପାଚିଲା ପିଜୁଳି, ପାଚିଲା କଦଳୀ, ସେଓ, କମଳା, ସିଝା ଅଣ୍ଡା ଇତ୍ୟାଦ ଦେଇପାରିବେ। ଟିଫିନ୍ ସହ ପିଲାଙ୍କୁ ପାଣି ବୋତଲ ମଧ୍ୟ ଦେବେ। ବିଶୁଦ୍ଧ ପାଣି ଏକାଗ୍ରତା ବଢ଼ାଏ ଓ କର୍ମଠ ରଖେ। ସେମାନେ ଯେପରି ହାତ ଧୋଇସାରି ଖାଇବେ, ଖାଇବା ସାରି ହାତପାଟି ଧୋଇବେ, ଏଥିପ୍ରତି ସେମାନଙ୍କୁ ସଚେତନ କରାଇବେ।

**–ନିତ୍ୟାନନ୍ଦ ସ୍ୱାଇଁ,** ବରିଷ୍ଠ ପୁଷ୍ଟି ବିଜ୍ଞାନୀ

## ଟିଫିନ୍‌ରେ ପସନ୍ଦର ମିଠା ନେଇଥାଏ



ଘରୁ ଟିଫିନ୍ ନ ନେଇ ଲଞ୍ଚ୍ ବ୍ରେକ୍‌ରେ ତେଲଛଣା ଖାଉଥିଲି। ଦ୍ୱିପ୍ରହର ସମୟରେ ତେଲଛଣା ଖାଇବା ଯୋଗୁ ମୋର ପେଟ ଖରାପ ହୋଇଗଲା। ଏବେ ମାମା ଲଞ୍ଚ ବକ୍ସରେ ଦୋସା, ଆଳୁ ପରଟା, ଚକୁଳି, ପୋହା ନ ହେଲେ ହାଲୁଆ ପ୍ୟାକ୍ କରି ଦେଉଛନ୍ତି। ମୋର ମିଠା ବହୁତ ପସନ୍ଦ। ତେଣୁ ମାମା ବେଳେବେଳେ ଲଞ୍ଚ ସହ ତାଙ୍କ ହାତ ତିଆରି ଲଡୁ କିମ୍ବା ମିଠା ତିଆରି କରି ଦେଉଛନ୍ତି।

**–ତନୁଶ୍ରୀ ସାହୁ,** କ୍ଲାସ୍–୮, ଏମ୍‌ଏଲ୍‌ଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁଲଖପାଟଣା, ଯାଜପୁର














୧




୨




୩



୭



୪



୫



୬



୮



୧ କାହ୍ନା ନାଏକ
କ୍ଲାସ-୬,
ସରକାରୀ ଉଚ୍ଚ ବିଦ୍ୟାଳୟ,
କୋଣାର୍କ,
ପୁରୀ



୩ ଆଦିତ୍ୟ ପାଇକରାୟ
କ୍ଲାସ-୫, ଭଗବତୀ ବିଦ୍ୟା ନିକେତନ, ପୁରୀ



୫ ଅନୟ ଅନୁପମ ରାଉତ
କ୍ଲାସ-୪,
ଡିପିଏସ୍ କଳିଙ୍ଗ,
ଭୁବନେଶ୍ୱର



୭ ପ୍ରତୀକ୍ଷା ମହାପାତ୍ର
କ୍ଲାସ-୫,
କେନ୍ଦ୍ରୀୟ ବିଦ୍ୟାଳୟ,
ଜଗତସିଂହପୁର



୨ ଆତ୍ମାସ୍ୱରୂପ ଭରଦ୍ୱାଜ
କ୍ଲାସ- ୨,
ଗୁରୁନାନକ ପବ୍ଲିକ ସ୍କୁଲ, ଗୁଡିଆପୋଖରୀ,
ପିପିଲି, ପୁରୀ



୪ ସ୍ୱସ୍ତିକା ସାମନ୍ତରାୟ
କ୍ଲାସ- ୧,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ଜଟଣୀ




୬ ସୌମ୍ୟରଞ୍ଜନ ସ୍ୱାଇଁ
କ୍ଲାସ- ୬,
ଗାୟତ୍ରୀ ସ୍ମାର୍ଟ ସ୍କୁଲ, ଟଙ୍କପାଣି,
ଖୋର୍ଦ୍ଧା




୮ ସୌରଭ ରଞ୍ଜନ କର
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ମନ୍ଦିର କଲେଜ ଛକ,
କଟକ

# ଗିନିଜ୍ ୱାର୍ଲ୍ଡ ରେକର୍ଡ



## ସର୍ବକନିଷ୍ଠ ଆବିଷ୍କାରକ

ପିଲାମାନେ ତୁମେ ଫ୍ରି ଟାଇମ୍‌ରେ ନୂଆ ନୂଆ ଜିନିଷ ପଢିବା, ଲେଖିବା କିଛି ନୂଆ ଜିନିଷ ଖୋଜିବାକୁ ଭଲପାଅ ନା ? ତେବେ ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ତୁମରି ପରି ୭ବର୍ଷର ପିଲାଟି ବହୁ ପୁରାତନ ଜୀବର ଅଂଶବିଶେଷ ଆବିଷ୍କାର କରି ଗିନିଜ୍ ରେକର୍ଡ କରିଛନ୍ତି। ଆମେରିକାର ଚିଲେନ୍ ଡିଏଗୋ ଆୟେସେନ୍‌ର ଏକ ଜଙ୍ଗଲରେ ଖେଳୁଥିଲେ। ଖେଳିବା ସମୟରେ ସେ କୌଣସି ଜୀବର ହାଡରେ ଝୁଣ୍ଟିପଡିଥିଲେ। ପରେ ଏହା ପୁରାତନ ଯୁଗର ଜୀବାଶ୍ମ ବୋଲି ଜଣାପଡିଥିଲା। ଡିଏଗୋର ପିତାମାତା ଦୁହେଁ ଭୂବିଜ୍ଞାନୀ। ସେମାନେ କହିଛନ୍ତି, ଡିଏଗୋ ମଧ୍ୟ ପିଲାଟିବେଳୁ ଏହିସବୁ ଜିନିଷ ଉପରେ ଗବେଷଣା କରୁ ବୋଲି ଆମେ ଚାହୁଁଥିଲୁ। ତେଣୁ ତାକୁ ନିଗ୍ରୋ ଅଞ୍ଚଳକୁ ନେଇ ଆସିଥିଲୁ। ସେଠାରୁ ମିଳିଥିବା ଜୀବାଶ୍ମକୁ ଭୂତତ୍ତ୍ୱବିତ୍ ମାନେ ବର୍ତ୍ତମାନ ଗବେଷଣା କରିସାରିବା ପରେ ତାହା ଚିଲେସରୋସର ହାଡ ବୋଲି ଜାଣିବାକୁ ପାଇଥିଲେ।



## କବିତା

### ଏଇ ତ ନିୟମ

ଘୋର ଅନ୍ଧାର ମାଡ଼ି ଆସିଲା
ବିଜୁଳି ଚିକି ମିକି
ଗଛରେ ବସି ପାତିମାଙ୍କଡ଼
ଡରରେ ଜାକିଜୁକି।
ଦୂରରୁ ଥାଇ ଗୁଣ୍ଡୁଚିମୂଷା
କହିଲା ମାଙ୍କଡ଼ ଭାଇ,
ମେଘକୁ ଦେଖି ଏତେ ଛାନିଆ
ହେଉଛୁ କାହିଁ ପାଇଁ।
ବରଷା ଏବେ ଯିବରେ ଛାଡ଼ି
ଆସିବ ମାଡ଼ି ଶୀତ
ଡାଳରୁ ଡାଳ ଡେଇଁ ଡେଇଁକା
ଗାଇବୁ କେତେ ଗୀତ।
ଶୀତ ପରେ ଖରା ଏଇ ତ ନିୟମ
ସୃଷ୍ଟିର ଆରମ୍ଭରୁ
ଜୀବ ଜଗତେ ବଞ୍ଚିବା ଆମେ
ହେବାନି କେହି ଭୀରୁ।

**– ପ୍ରତିଭା ସାହୁ**
ବଇଣ୍ଡା, ହାଇସ୍କୁଲ ରୋଡ୍,
ଅନୁଗୋଳ
ମୋ: ୭୦୦୮୨୩୬୯୯୧

### ସକାଳ ହେଲା

ସକାଳ ହେଲା କାଉ ରାବିଲା
ଉଠରେ ଉଠ ଉଠ
ପଛେଇ ଯିବ କାମରେ ସିଏ
କରିବ ଯିଏ ମଠ।

ଫୁଲ ଫୁଟିଲା ବାସ ଛୁଟିଲା
ବସିଲା ଖରା ହାଟ
ଏଇ ବେଳଟି ଭାରି ବଢ଼ିଆ
ପଢ଼ିବା ପାଇଁ ପାଠ।

ସକାଳ ହେଲା ଅଳସ ଛାଡ଼ି
କର ଦିନର କାମ
କଥାଟି ନୁହଁ କାମଟି କଲେ
ବଢ଼ିବ ଯଶ ନାମ।

**– ନୀଳମଣି ଚାନ୍ଦ**
ଭୁବନେଶ୍ୱର
ମୋ:୯୪୮୩୨୦୨୩୫୭



### ଗଛ

ଗଛ ଥିଲେ ସିନା ଜୀବନ ହସିବ
ମିଳୁଥିବ ଅମ୍ଳଜାନ
ଅମ୍ଳଜାନ ଯେବେ ଅଭାବ ହୋଇବ
ଜୀବନ ହେବ ବିପନ୍ନ।
ଗଛ ବୁଝେ ନାହିଁ ଶତ୍ରୁ ମିତ୍ର କିଏ
ଫୁଲ ଫଳ ଦାନ କରେ
ମହତପଣିଆ ଗଛଠୁଁ ଶିଖିବା
ବାନ୍ଧି ଥାଏ ପ୍ରେମ ଡୋରେ।
ଉଚ୍ଚ ଆକାଶରେ ଉଡ଼ି ଯିବା ପକ୍ଷୀ
ଥକ୍କା ମାରେ ଗଛ ଡାଳେ
ଖରା,ବର୍ଷା ଶୀତ ବାଧକ ହୁଏନି
ଆନନ୍ଦ ମନରେ ଖେଳେ।
ଗଛକୁ କାଟିବା ବଡ଼ ଅପରାଧ
ଏକଥା ମନରେ ରଖି
ପାପ, ପୁଣ୍ୟ କଥା ଚିନ୍ତା କର ଥରେ
ଖୋଲି ଯିବ ତୁମ ଆଖି।

**–ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା
ମୋ:୯୩୩୭୩୩୫୮୩୮





## ଏଥରର ପ୍ରଶ୍ନ

## ଏଥରର

- ବାୟୁରେ କେଉଁ ଗ୍ୟାସର ସଂସ୍ପର୍ଶରେ ଆସି ପିତ୍ତଳରେ ରଙ୍ଗ ଛାଡିଯାଏ ?
- ପେନ୍‌ସିଲ୍ ତିଆରି କରିବା ପାଇଁ କ'ଣ ବ୍ୟବହାର କରାଯାଏ ?
- ଇଲେକ୍ଟ୍ରିକ୍ ବଲବ୍‌ରେ କେଉଁ ଗ୍ୟାସ୍ ରହିଛି ?
- ସୋଡାର ବୈଜ୍ଞାନିକ ନାମ କ'ଣ ?
- ଘଣ୍ଟାରେ ବ୍ୟବହୃତ ହେଉଥିବା କ୍ୱାର୍ଜ କ୍ରିଷ୍ଟାଲ୍ କେଉଁଥିରେ ତିଆରି ହୋଇଥାଏ ?

## ଗତଥରର ଉତ୍ତର

- ବିଲ୍ କ୍ଲିଣ୍ଟନ
- ଜାପାନ
- ୩୬
- ଓଜନ ମାପିବାରେ
- ସଂସ୍କୃତ



## କହିଲ ଦେଖି

କଥା କୁହା ଦେବୀ ସନ୍ତାନ ପାଇଁ
ସନ୍ତାନ ସୁଖରେ ଖୁସି ହୁଅଇ
ହାତ ଧରି ସିଏ ଚଲାଏ ବାଟ
ପ୍ରଥମେ ଶିଶୁକୁ ପଢ଼ାଏ ପାଠ
ତା' କୋଳ ସରଗପୁର
ଶିଶୁର ଆହାର ଛାତିରେ ଯାହାର
ନା' କହି ଦିଅ ତାର !

**ଉତ୍ତର– ମାଆ**



ମାଆ ହୃଦୟରେ ବାସ ତାହାର
ସନ୍ତାନ ପାଇଁ ସେ ଅତି ନିଜର
ଶୀତଳ ଗୁଣରେ ପୂନେଇଁ ଜହ୍ନ
ସରିନୁହେଁ ହୀରା ମୋତି କାଞ୍ଚନ
ଅତୁଳନୀୟ ତା'ଭାବ
ଛଳନା ବିହୀନ ସରଳ ସୁଗୁଣ
ନାଆଁ କିଏ କହିଦେବ !

**ଉତ୍ତର– ମମତା**



ଶ୍ରୀମନ୍ଦିର ନେତ ନୁହେଁ ତା'ସରି
ମାଆର ମମତା ରହିଛି ପୂରି
ସନ୍ତାନ ଦେହରେ ଦେଲେ ଘୋଡାଇ
ରୋଗ, ଶୋକ, ଦୁଃଖ ଯାଏ ପଳାଇ
ଶିଶୁ ପାଇଁ ଆଶା ଭରଷା ସିଏ
ନାଆଁ କହି ମିଠା ଖାଇବ କିଏ !

**ଉତ୍ତର– ପଣତକାନି**



**–ଜଗଦୀଶ ସାହୁ**
ସଞ୍ଜିପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ଜଣା ଅଜଣା




## ବଣି ଚଢ଼େଇ

ପିଲାମାନେ ତୁମେ ବଣି ଚଢେଇ ତ ନିଶ୍ଚୟ ଦେଖିଥିବ। ହେଲେ ଜାଣିଛ ଏହି ଚଢ଼େଇ ବର୍ଷର ସବୁ ମାସରେ ଅଣ୍ଡା ଦେଇ ନ ଥାନ୍ତି। ଏମାନେ କେବଳ ଜୁଲାଇ ଓ ଅଗଷ୍ଟ ମାସରେ ଅଣ୍ଡା ଦେଇଥା'ନ୍ତି। ବଣି ଚଢ଼େଇ ଦେଖିବାକୁ ଛୋଟ ଓ ସୁନ୍ଦର। ଭାରତ, ପାକିସ୍ତାନ, ମ୍ୟାନ୍ମାର, ବାଂଲାଦେଶରେ ବଣି ଦେଖିବାକୁ ମିଳନ୍ତି। ଏମାନଙ୍କର ଅଣ୍ଡା ଫୁଟିବାକୁ ପ୍ରାୟ ୧୩ରୁ ୧୫ ଦିନ ସମୟ ଲାଗିଥାଏ।



## ମଇଁଷି କ'ଣ ଖାଆନ୍ତି

ଗୋଟିଏ ମଇଁଷି ଦିନକୁ ପ୍ରାୟ ୨୭ କି.ଗ୍ରା.ର ଘାସ ଓ ଗଛଲତା ଆଦି ଖାଇଥାନ୍ତି। ମଇଁଷିଙ୍କୁ ଖୋଲା ପଡ଼ିଆରେ ରଖାଯାଏ। ସାଧାରଣତଃ ଏମାନଙ୍କୁ କ୍ଷୀର ଲାଗି ପାଳନ କରାଯାଇଥାଏ। ମଇଁଷିର ବୈଜ୍ଞାନିକ ନାମ ବୁବାଲସ ବୁବାଲିସ୍।



## ହାତୀର ଶ୍ରବଣ ଶକ୍ତି କମ୍

ହାତୀର ବଡ଼ କାନ ହୋଇଥିଲେ ମଧ୍ୟ ତା'ର ଶ୍ରବଣ ଶକ୍ତି ବହୁତ କମ୍। ହାତୀ ନିଜ ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖିବା ପାଇଁ ତା' କାନକୁ ବାରମ୍ବାର ହଲାଇଥାଏ। ଭାରତରେ ଦେଖାଯାଉଥିବା ହାତୀଙ୍କ ତୁଳନାରେ ଆଫ୍ରିକା ହାତୀଙ୍କ କାନ ବଡ଼ ହୋଇଥାଏ। ଏମାନଙ୍କ ବୟସ ବଢ଼ିବା ସହିତ ଦାନ୍ତ ମଧ୍ୟ ବଢ଼ିଥାଏ।



## କିପରି ନିଜକୁ ଚିହ୍ନେ ପାରା

ପାରା ଦର୍ପଣରେ ତା' ମୁହଁକୁ ଦେଖିଲେ ନିଜକୁ ଚିହ୍ନିପାରେ। ଏମାନଙ୍କୁ ବୁଦ୍ଧିମାନ୍ ପକ୍ଷୀ ମଧ୍ୟ କୁହାଯାଏ। ଯଦି ଭୂମିକମ୍ପ କିମ୍ବା ବାତ୍ୟା ହେବାର ଆଶଙ୍କା ଥାଏ, ତେବେ ତାହାର ପୂର୍ବସୂଚନା ଏମାନେ ପାଇଥାଆନ୍ତି। ପାରାମାନେ ଯଦି ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ତେବେ ତାଙ୍କ ଗ୍ରୁପ୍‌କୁ 'ଫ୍ଲକ' କୁହାଯାଏ।





## କୁକୁରଙ୍କ ଜୀବନକାଳ

କୁକୁରଙ୍କ ଜୀବନକାଳ ପ୍ରାୟ ୧୦ରୁ ୧୪ ବର୍ଷ ହୋଇଥାଏ। ଅନ୍ୟ କୁକୁରଙ୍କ ତୁଳନାରେ ପୋଷା କୁକୁର ଅଧିକ ଦିନ ବଞ୍ଚିଥିବା ଦେଖାଯାଏ। ଏମାନଙ୍କର ଅଧିକ ଘ୍ରାଣ ଶକ୍ତି ଯୋଗୁ ଏମାନେ ଯେଉଁ ସ୍ଥାନକୁ ଯାଆନ୍ତି ସହଜରେ ସେ ସ୍ଥାନ ବିଷୟରେ ଜାଣିପାରନ୍ତି। ଛୋଟ କୁକୁରର ୨୮ଟି ଦାନ୍ତ ଥିବା ବେଳେ ବୟସ୍କ କୁକୁରର ଦାନ୍ତ ସଂଖ୍ୟା ୪୨।

# ଆ ଇ ନା



ଆହିଲ ମହାନ୍ତି
୫ ବର୍ଷ / ଭୁବନେଶ୍ୱର



ଲିଭାଂଶି ପ୍ରିୟା ପାତ୍ର
୧୧ ବର୍ଷ / ଖୋର୍ଦ୍ଧା